## ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଜ୍ଞାନ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି
(ପଶ୍ଚିମ-ପାହାଡ଼ିଆ କୃଷି ଜଳବାୟୁ ଅଞ୍ଚଳ)

**ପତ୍ର ସଂ–୮୦/୨୦୨୬** **ସପ୍ତାହ-୪୦** **ମଙ୍ଗଳବାର, ତାରିଖ-୦୬.୧୦.୨୦୨୬**

### ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

| | |
|---|---|
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୬ ଠାରୁ) | ୧୩୦୯.୨/୬୩ |
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୦/୦ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା (⁰C) | ୩୩.୩ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା (⁰C) | ୨୧.୭ |

### କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (⁰ସେ.) | ସର୍ବନିମ୍ନ ତାପମାତ୍ରା (⁰ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୦୭-୧୦-୨୦୨୬ | ୦ | ୩୪ | ୨୨ | ୦ | ୮୬ | ୪୧ | ୪ | ୯୦ |
| | ୦୮-୧୦-୨୦୨୬ | ୧ | ୩୪ | ୨୨ | ୧ | ୮୮ | ୪୨ | ୪ | ୯୦ |
| | ୦୯-୧୦-୨୦୨୬ | ୦ | ୩୩ | ୨୩ | ୦ | ୯୦ | ୪୪ | ୫ | ୨୦୫ |
| | ୧୦-୧୦-୨୦୨୬ | ୦ | ୩୩ | ୨୩ | ୦ | ୮୮ | ୪୧ | ୩ | ୧୯୪ |
| | ୧୧-୧୦-୨୦୨୬ | ୦ | ୩୩ | ୨୩ | ୦ | ୮୬ | ୩୭ | ୩ | ୯୦ |

**ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୦୧୧୬**

### ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଜିଲ୍ଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି । ଆଗାମୀ ପାଞ୍ଚ ଦିନରେ ଆକାଶ ନିର୍ମଳ ଏବଂ ପୂର୍ବ ରୁ ଦକ୍ଷିଣ-ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ୩ ରୁ ୦୪ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା କ୍ର ବୃଦ୍ଧି ପାଇ ୩୩ ରୁ ୩୪ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବାକୁ ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୨ ରୁ ୨୩ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବାର ସମ୍ଭାବନା ରହିଛି। ସକାଳ ସମୟରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୭ ରୁ ୯୦ ପ୍ରତିଶତ ଏବଂ ଅପରାହ୍ନ ସମୟରେ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୩୭ ରୁ ୪୪ ପ୍ରତିଶତ ମଧ୍ୟରେ ରହିବାର ପୂର୍ବାନୁମାନ ରହିଛି ।

**ଚେତାବନୀ : ନାହିଁ**

### କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

**ସାଧାରଣ ପରାମର୍ଶ**

- ଆସନ୍ତା ପାଞ୍ଚ ଦିନ ପାଇଁ ଆଶା କରାଯାଉଥିବା ଶୁଖିଲା ପାଗ ଘାସ ବାଛିବା, ଆନ୍ତଃ-ଚାଷ କାର୍ଯ୍ୟ ଏବଂ କୀଟନାଶକ ସିଞ୍ଚନ ପାଇଁ ଅନୁକୂଳ ରହିବ। ତେଣୁ ଫସଲର ଆବଶ୍ୟକତା ଏବଂ ରୋଗପୋକର ପ୍ରାଦୁର୍ଭାବ ଅନୁଯାୟୀ ଚାଷୀ ଭାଇ ଓ ଭଉଣୀ ମାନେ ଏହି କାର୍ଯ୍ୟଗୁଡ଼ିକୁ ଜାରି ରଖନ୍ତୁ ।
- ଶୁଖିଲା ପାଗ ସମୟରେ ସମ୍ପୂର୍ଣ୍ଣ ପାଚିଯାଇଥିବା ଖରିଫ ଫସଲ ଅମଳ କରନ୍ତୁ ଏବଂ ହଠାତ୍ ବର୍ଷା ଯୋଗୁଁ ହେବାକୁ ଥିବା କ୍ଷତିରୁ ବର୍ତ୍ତିବା ପାଇଁ ଅମଳ କରାଯାଇଥିବା ଫସଲକୁ ଶୁଖିଲା ଓ ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଅନୁକୂଳ ପାଣିପାଗକୁ ଆଖିଆଗରେ ରଖି ମାଟିରେ ଥିବା ଉପଯୁକ୍ତ ଆର୍ଦ୍ରତାର ବ୍ୟବହାର କରି ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ ଏବଂ ପନିପରିବା ଭଳି ରବି ଫସଲ ପାଇଁ ଜମି ପ୍ରସ୍ତୁତି ଓ ବୁଣାବୁଣି କାର୍ଯ୍ୟ ଆରମ୍ଭ କରନ୍ତୁ।
- ଧାନ, କପା, ଡାଲି ଜାତୀୟ ଫସଲ, ପନିପରିବା ଏବଂ ଅନ୍ୟାନ୍ୟ ଛିଡ଼ା ଫସଲରେ ଶୋଷକ ପୋକ, କାଣ୍ଡବିନ୍ଧା, ବକରା ବିନ୍ଧା ପୋକ ଏବଂ କବକଜନିତ ରୋଗ ପାଇଁ ନିୟମିତ ନିରୀକ୍ଷଣ ଜାରି ରଖନ୍ତୁ ଏବଂ ଆବଶ୍ୟକ ସ୍ଥଳେ ସମନ୍ୱିତ ପରିଚାଳନା ପଦକ୍ଷେପ ଗ୍ରହଣ କରନ୍ତୁ।

| | |
|---|---|
| ସଂକ୍ଷିପ୍ତ ବାର୍ତା | ▪ ଜମିରେ ମାଟିଆ ଗୁଣ୍ଡି / ଧଳାପିଠିଆ ଗୁଣ୍ଡି ପୋକର ପ୍ରାଦୁର୍ଭାବ ସମୟରେ ଯବକ୍ଷାରଜାନ ଯୁକ୍ତ ସାରର ପ୍ରୟୋଗ କରନ୍ତୁ ନାହିଁ । |

### ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ

| ଫସଲ ର ନାମ | ଫସଲ ଅବସ୍ଥା | ପରାମର୍ଶ |
|---|---|---|
| **କ୍ଷେତ୍ର ଫସଲ** | | |
| **ଖରିଫ ଧାନ** | **ଥୋଡ଼ ବାହାରିବା ରୁ ଫୁଲ ଅବସ୍ଥା** | ▪ **ଖାଦ୍ୟସାର ପରିଚାଳନା :** ପାଗ ଅନୁକୂଳ ଥିଲେ କେଣ୍ଡା ବାହାରିବା ସମୟରେ ଢିପ ଜମି କ୍ଷେତ୍ରରେ ଏକର ପ୍ରତି ୧୬ କି.ଗ୍ରା. ୟୁରିଆ + ୧୦ କି.ଗ୍ରା. ଏମ.ଓ.ପି ଏବଂ ମଧ୍ୟମ ଓ ଖାଲୁଅ ଜମି କ୍ଷେତ୍ରରେ ଏକର ପ୍ରତି ୨୦ କି.ଗ୍ରା. ୟୁରିଆ + ୧୩ କି.ଗ୍ରା. ଏମ.ଓ.ପି ଦିତୀୟ ଦଫା ସାର ଭାବରେ ପ୍ରୟୋଗ କରନ୍ତୁ।<br>▪ **ମହିଷା ରୋଗ :** ବର୍ତ୍ତମାନର ପାଣିପାଗ ସ୍ଥିତି ଧାନରେ ମହିଷା/ବ୍ଲାଷ୍ଟ ରୋଗ ସୃଷ୍ଟି ଓ ବୃଦ୍ଧି ପାଇଁ ଅନୁକୂଳ ରହିଛି। ରୋଗର ଲକ୍ଷଣ ଦେଖାଯିବା ମାତ୍ରେ, ଏହାର ନିୟନ୍ତ୍ରଣ ପାଇଁ ପାଗ ପରିଷ୍କାର ଥିବା ସମୟରେ ଏକର ପ୍ରତି ୮୦ ଗ୍ରାମ୍ ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲୁ.ଜି. (Tebuconazole 50% + |

**Email:** aas.bhawanipatna@gmail.com, **Web Portal:** https://ouat.ac.in/quick-links/agro-advisory-services/ @ amfukalahandi

| | | |
|---|---|---|
| | | Trifloxystrobin 25% WG) କିମ୍ବା ୩୦୦ ମିଲିଲିଟର୍ ଆଇସୋପ୍ରୋଥିଓଲେନ୍ ୪୦% ଇ.ସି. (Isoprothiolane 40% EC) କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ୧୦ ଦିନ ଅନ୍ତରାଳରେ ପୁନର୍ବାର ପ୍ରୟୋଗ କରନ୍ତୁ ।<br>▪ **ପତ୍ରାଛାଦ ପୋଡ଼ା ରୋଗ :** ବର୍ତମାନ ପାଗରେ ଏହି ରୋଗର ସମ୍ଭାବନା ଅଧିକ ରହିଛି । ଏହାର ପ୍ରତିକାର ପାଇଁ ଏକର ପିଛା ୨୦୦ ଲିଟର ପାଣିରେ ଟେବୁକୋନାଜୋଲ୍ ୫୦ % + ଟ୍ରାଇଫ୍ଲକ୍ସିଷ୍ଟ୍ରୋବିନ୍ ୨୫ % ଡବ୍ଲୁ .ଜି. ୮୦ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍୨୫ % ଇ.ସି କୁ ୨୦୦ ମିଲିଗ୍ରାମ ହିସାବରେ ମିଶାଇ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ ।<br>▪ **ବୀଜାଣୁ ଜନିତ ପତ୍ରପୋଡ଼ା:** ବର୍ତ୍ତମାନର ପାଣିପାଗ ସ୍ଥିତିରେ ବୀଜାଣୁ ଜନିତ ପତ୍ରପୋଡ଼ା / ବ୍ୟାକ୍ଟେରିଆଲ୍ ଲିଫ୍ ବ୍ଲାଇଟ୍ ରୋଗର ପ୍ରାଦୁର୍ଭାବ ଦେଖାଦେବାର ସମ୍ଭାବନା ରହିଛି । ଏହାର ନିୟନ୍ତ୍ରଣ ପାଇଁ ପାଗ ପରିଷ୍କାର ଥିବା ସମୟରେ ଏକର ପ୍ରତି ୬୦୦ ଗ୍ରାମ୍ କପର୍ ଓକ୍ସିକ୍ଲୋରାଇଡ୍ ୫୦% ଡବ୍ଲୁ.ପି. କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>▪ **ମାଟିଆ ଗୁଣ୍ଡି / ଧଳାପିଠିଆ ଗୁଣ୍ଡି ପୋକ:** ବର୍ତ୍ତମାନର ପାଣିପାଗ ସ୍ଥିତିରେ ଏହି ଅବସ୍ଥାରେ ମାଟିଆ ଗୁଣ୍ଡି ପୋକ / ବି.ପି.ଏଚ୍ (BPH) ଏବଂ ଧଳାପିଠିଆ ଗୁଣ୍ଡି ପୋକ / ଡବ୍ଲୁ.ବି.ପି.ଏଚ୍ (WBPH) ର ପ୍ରାଦୁର୍ଭାବ ଦେଖାଯାଇପାରେ। ଯଦି ପୋକ ସଂଖ୍ୟା ଆର୍ଥିକ କ୍ଷତିସୀମା / ଇ.ଟି.ଏଲ୍ (ଗୋଛି ପ୍ରତି ୫-୧୦ ଟି ପୋକ) ଅତିକ୍ରମ କରେ, ତେବେ ଚାଷୀଭାଇମାନଙ୍କୁ କ୍ଷେତରେ ପାଣି ଜମାଇ ନରଖି ପର୍ଯ୍ୟାୟକ୍ରମେ ଜମି ଓଦା ଓ ଶୁଖିଲା ରଖନ୍ତୁ ।ଯଦି ସମସ୍ୟା ଲାଗିରହେ, ତେବେ ପାଗ ପରିଷ୍କାର ଥିବା ସମୟରେ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ:<br>1. ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି (Pymetrozine 50% WG) @ ୧୨୦ ଗ୍ରାମ୍, କିମ୍ବା<br>2. ଡିନୋଟେଫ୍ୟୁରାନ୍ ୨୦% ଏସ୍.ଜି (Dinotefuran 20% SG) @ ୮୦ ଗ୍ରାମ୍, କିମ୍ବା<br>3. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍ (Imidacloprid 17.8% SL) @ ୫୦ ମିଲି, କିମ୍ବା<br>4. ବୁପ୍ରୋଫେଜିନ୍ ୨୦% + ଏସିଫେଟ୍ ୫୦% ଡବ୍ଲୁ.ପି (Buprofezin 20% + Acephate 50% WP) @ ୪୦୦ ଗ୍ରାମ୍, କିମ୍ବା<br>5. ଫ୍ଲୋନିକାମିଡ୍ ୫୦% ଡବ୍ଲୁ.ଜି (Flonicamid 50% WG) @ ୬୦ ଗ୍ରାମ୍ ସିଞ୍ଚନ କରନ୍ତୁ।<br>▪ ମାଟିଆ ଗୁଣ୍ଡି / ଧଳାପିଠିଆ ଗୁଣ୍ଡି ପୋକର ଆକ୍ରମଣ ସମୟରେ ଯବକ୍ଷାରଜାନ ଜାତୀୟ ସାର ବ୍ୟବହାର କରନ୍ତୁ ନାହିଁ |
| **କପା** | **ଫୁଲ ରୁ ବକରା ବିକଶିତ ଅବସ୍ଥା** | ▪ କପା ଫସଲ ୯୦ ଦିନର ହୋଇଗଲେ କିମ୍ବା ଗଛର ଉଚ୍ଚତା ୧୦୦ ସେ.ମି. ହୋଇଗଲେ ଟୋପିଙ୍ଗ୍ କରି ଦିଅନ୍ତୁ ।(ମୁଖ୍ୟ କାଣ୍ଡର ଅଗ୍ର ଭାଗକୁ କାଟି ଦିଅନ୍ତୁ) । ଏହାଦ୍ୱାରା ଗଛର ଉପର ମୁହାଁ ଅବିବୃଦ୍ଧି ରଦ୍ଧ ହେବା ସହ ଅଙ୍ଗୀୟ ବୃଦ୍ଧି କୁ ଅଧିକ ପ୍ରୋତ୍ସାହନ ଦେବ।<br>▪ **ଶୋଷକ କୀଟ (ଜଉ, ଉକୁଣିଆ, ପତ୍ରଡିଆଁ, ଦହିଆ ଓ ଧଳାମାଛି):** ବର୍ତ୍ତମାନ ର ପାଗ ଶୋଷକ କୀଟ ଆକ୍ରମଣ ପାଇଁ ଅନୁକୂଳ ଅଟେ । ଆର୍ଥିକ ଦେହଳୀ ସୀମା ଅତିକ୍ରମ କଲେ ରାସାୟନିକ ଉପାୟରେ ନିୟନ୍ତ୍ରଣ କରିବା ପାଇଁ ଏକର ପିଛା ୨୦୦ ଲିଟର ପାଣିରେ ୮୦ ଗ୍ରା. ଫ୍ଲୋନିକାମିଡ୍ ୫୦% ଡବ୍ଲ୍ୟୁ.ଜି କିମ୍ବା ୮୦ ଗ୍ରା. ଥିଓମେଥୋକ୍ସମ୍ ୨୫% ଡବ୍ଲ୍ୟୁ.ଜି ନଚେତ ୪୦୦ ମି.ଲି. ବୁପ୍ରୋଫେଜିନ୍ ୨୫% ଏସ୍.ସି କିମ୍ବା ୨୪୦ ଗ୍ରାମ ଡାଇଫେନଥୁରିଅନ ୫୦% ଡବ୍ଲୁ.ପି କୁ ମିଶ୍ରଣ କରି ସିଂଚନ କରନ୍ତୁ ।<br>▪ **ତମାଖୁ ପତ୍ରକଟା ପୋକ:** ବର୍ତ୍ତମାନର ପାଣିପାଗ ସ୍ଥିତିରେ ତମାଖୁ ପତ୍ରକଟା ପୋକ / ସ୍ପୋଡୋପ୍ଟେରା (Tobacco caterpillar) ର ପ୍ରାଦୁର୍ଭାବ ଦେଖାଦେଇଛି। ଏହି ପୋକର ନିରୀକ୍ଷଣ ପାଇଁ ଏକର ପ୍ରତି ୮ ଟି ସ୍ପୋଡୋ ଲୁଅର୍ ବିଶିଷ୍ଟ ଫେରୋମୋନ୍ ଟ୍ରାପ୍ ଲଗାନ୍ତୁ ଏବଂ ପ୍ରତି ତିନି ସପ୍ତାହ ପରେ ଲୁଅର୍ କୁ ବଦଳାନ୍ତୁ। ଯଦି ପୋକର ସଂଖ୍ୟା ଆର୍ଥିକ ଦେହଳୀ ସୀମା / ଇ.ଟି.ଏଲ୍. ରୁ ଅଧିକ ରହେ, ତେବେ ପାଗ ପରିଷ୍କାର ଥିବା ସମୟରେ ନୋଭାଲୁରନ୍ ୮.୮% ଏସ.ସି. @ ୨ ମିଲି/ଲିଟର ପାଣି କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫% ଏସ.ସି. @ ୩ ମିଲି/୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| **ହରଡ଼** | **ଅଙ୍ଗୀୟ ରୁ ଫୁଲ ଅବସ୍ଥା** | ▪ ଫସଲରେ ରୋଗ ଓ ପୋକର ସଂକ୍ରମଣ କୁ ନିୟମିତ ନିରୀକ୍ଷଣ କରନ୍ତୁ । ବର୍ତ୍ତମାନ୍ ପାଗରେ ଫସଲରେ ଶୋଷକ କୀଟ ଯଥା ଜଉ, ପତ୍ର ଡିଆଁ ଓ ଉକୁଣିଆ ପୋକର ଉପସ୍ଥିତି ଦେଖା ଦେଇପାରେ । ନିୟନ୍ତ୍ରଣ ପାଇଁ ଏକର ପିଛା ୪୦ ଗ୍ରାମ ଥିଓମିଥୋକ୍ସମ୍ ୨୫% ଡବ୍ଲୁ.ଜି କିମ୍ବା ୭୦ ମିଲିଗ୍ରାମ ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ.ଏଲ କୁ ପ୍ରତି ୨୦୦ ଲିଟର ପାଣିରେ ମିଶାଇ ଶୁଖିଲା ପାଗରେ ସିଂଚନ କରନ୍ତୁ ।<br>▪ ବର୍ଷା ଛାଡ଼ିଗଲା ପରେ ଝାଉଁଳା ରୋଗ ଦେଖା ଦେଇପାରେ। ତେଣୁ ଲକ୍ଷଣ ଦେଖାଦେଲେ ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧.୫ ଗ୍ରାମ ମେଟିରାମ୍ ୭୫% ଡବ୍ଲୁ.ଜି କୁ ମିଶ୍ରଣ କରି ଗଛ ମୂଳରେ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ। |
| **ଉଦ୍ୟାନ କୃଷି** | | |

| | | |
|---|---|---|
| **କୋବି ଜାତୀୟ ପନିପରିବା** (ଫୁଲକୋବି, ପତ୍ରକୋବି, ବ୍ରୋକୋଲି) | **ନର୍ସରୀ** | ▪ **ନର୍ସରୀ ବେଡ୍ ପ୍ରସ୍ତୁତି ପ୍ରଣାଳୀ:** ତଳି ପ୍ରସ୍ତୁତ କରିବା ପାଇଁ ୩ ମିଟର ଲମ୍ବ, ୧ ମିଟର ଓସାର ଓ ୧୫-୨୦ ସେ.ମି ଉଚ୍ଚତା ବିଶିଷ୍ଟ ପଟାଳି ମାନ ପ୍ରସ୍ତୁତ କରନ୍ତୁ। ମଞ୍ଜି ବୁଣିବାର ସାତ ଦିନ ପୂର୍ବରୁ ପ୍ରତି ପଟାଳି ପିଛା ୧୫ ରୁ ୩୦ କିଲୋଗ୍ରାମ ସଢା ଗୋବର ଖତ ଓ ୧୫୦ ଗ୍ରାମ କ୍ଲୋରୋପାଇରିଫୋସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ। ଏକ ଏକର ଜାଗା ଚାଷ ପାଇଁ ଉନ୍ନତ କିସମ କ୍ଷେତ୍ରରେ ୨୦୦ ରୁ ୨୫୦ ଗ୍ରାମ ମଞ୍ଜି ଏବଂ ସଂକର କିସମ (ହାଇବ୍ରିଡ) କ୍ଷେତ୍ରରେ ୧୦୦ - ୧୫୦ ଗ୍ରାମ ମଞ୍ଜି ଦରକାର ପଡ଼ିଥାଏ। |
| **ପିଆଜ** | **ନର୍ସରୀ** | ▪ **ନର୍ସରୀ ବେଡ୍ ପ୍ରସ୍ତୁତି ପ୍ରଣାଳୀ:** ତଳି ପ୍ରସ୍ତୁତ କରିବା ପାଇଁ ୩ ମିଟର ଲମ୍ବ, ୧ ମିଟର ଓସାର ଓ ୧୫-୨୦ ସେ.ମି ଉଚ୍ଚତା ବିଶିଷ୍ଟ ପଟାଳି ମାନ ପ୍ରସ୍ତୁତ କରନ୍ତୁ। ମଞ୍ଜି ବୁଣିବାର ସାତ ଦିନ ପୂର୍ବରୁ ପ୍ରତି ପଟାଳି ପିଛା ୧୫ ରୁ ୩୦ କିଲୋଗ୍ରାମ ସଢା ଗୋବର ଖତ ଓ ୧୫୦ ଗ୍ରାମ କ୍ଲୋରୋପାଇରିଫୋସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ। ଏକ ଏକର ଚାଷ ପାଇଁ ୪-୫ କିଲୋଗ୍ରାମ ମଞ୍ଜି ଏବଂ ୫୦ ବର୍ଗ ମିଟର କ୍ଷେତ୍ରଫଳ ବିଶିଷ୍ଟ ନର୍ସରୀ ଆବଶ୍ୟକ ହୋଇଥାଏ। ଝାଉଁଳା ଓ ମୂଳସଢା ରୋଗର ପ୍ରତିଷେଧକ ରୂପେ ମଞ୍ଜି ବୁଣିବା ପୂର୍ବରୁ କୁ ୧୦ ଲିଟର ପାଣିରେ ୧ ଗ୍ରାମ ଷ୍ଟ୍ରେପଟୋସାଇକ୍ଲିନ୍ ଓ ୧୦ ଗ୍ରାମ କର୍ବେନଡାଜିମ୍ କୁ ମିଶ୍ରଣ କରି ନର୍ସରୀ ପାଇଁ ପ୍ରସ୍ତୁତ ପଟାଳି କୁ ଭିଯାଇ ଦିଅନ୍ତୁ।<br>▪ **ଉପଯୁକ୍ତ କିସମ:** ଏଗ୍ରୀ ଫାଉଣ୍ଡ ଲାଇଟ୍ ରେଡ୍, ଭୀମା ସୁପର, ଭୀମା ରେଡ୍, ଭୀମା ଶକ୍ତି ଇତ୍ୟାଦି। |
| **ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ** | | |
| **ଗାଇ ଓ ମଇଁଷି** | | ▪ ବର୍ତ୍ତମାନ ପାଗ କୁ ଦେଖି ଆଦ୍ରତା ବୃଦ୍ଧି ପାଉଥିବାରୁ, ଗୁହାଳରେ ଉତ୍ତମ ପବନ ଚଳାଚଳ ବ୍ୟାବାସ୍ଥା କୁ ନିଶ୍ଚିତ କରନ୍ତୁ । ହାଇବ୍ରିଡ଼ ନାପିଅର ପରି ଘାସ କୁ ଚାଷୀ ମାନେ ଚାଷ କରି ପଶୁ ମାନଙ୍କୁ ଖାଇବାକୁ ଦିଅନ୍ତୁ । |
| **ଛେଳି ଓ ମେଣ୍ଢା** | | ▪ ଛେଳି ଓ ମେଣ୍ଢା ମାନଙ୍କୁ ନିୟମିତ ଭାବରେ ଜଳ ଶୁନ୍ୟତା, ତାପ ଚାପ ଓ ପରଜୀବି ସଂକ୍ରମଣ ର ଲକ୍ଷଣ ଜାଞ୍ଚ କରନ୍ତୁ । ଆବଶ୍ୟକତା ଅନୁସାରେ କୃମି ଔଷଧ ଦିଅନ୍ତୁ । ଫାଟୁଆ ଓ ଛେଳି ମଡ଼କ ପରି ସାଧାରଣ ରୋଗ ବିରୋଧ ରେ ଟିକା କରଣ କରେଇ ଦିଅନ୍ତୁ । |
| **କୁକୁଡ଼ା** | | ▪ କୁକୁଡ଼ା ଚାଷୀ ମାନେ ଡିପ ଲିଟର ପ୍ରଣାଳୀ ମାଂସ ପାଇଁ ପାଳନ କରୁଥିବା କୁକୁଡ଼ା ମାନଙ୍କୁ ରଖନ୍ତୁ । ଏହା ଘରକୁ ପରିଷ୍କାର ରଖିବା ଓ ତାପମାତ୍ରା କୁ ଆୟତ ରେ ରଖିବାରେ ସହାୟକ ହୋଇଥାଏ । |

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**